# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26 July – 2026

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀମନ୍ଦିର ସମ୍ମୁଖରେ ଚାଲିଛି ରଥାରୂଢ ଶ୍ରୀଜୀଉଙ୍କ ଅଧରପଣା ନୀତି; ନବଦିନାତ୍ମକ ଯାତ୍ରାର ଶେଷ ପର୍ଯ୍ୟାୟରେ ଆସନ୍ତାକାଲି ନୀଳାଦ୍ରିବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି
- ବିଗତ ୧୦ ବର୍ଷରେ ପ୍ରତିରକ୍ଷା କ୍ଷେତ୍ରରେ ଦେଶ ନୂତନ ଶିଖର ଛୁଇଁଛି; ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ
- ବିକଶିତ ଭାଇବ୍ରାଣ୍ଟ ଭିଲେଜ’ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ
- କାର୍ଗିଲ ଯୁଦ୍ଧରେ ସହିଦ ବୀର ସେନାଙ୍କ ପ୍ରତି ଦେଶବାସୀ ଜଣାଉଛନ୍ତି ଶ୍ରଦ୍ଧାଞ୍ଜଳି

ଏବଂ

- ଅବପାତର ପ୍ରଭାବରେ ରାଜ୍ୟର ୬ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ଅଧରପଣା ପ୍ରସ୍ତୁତି

ଆଷାଢ ଶୁକ୍ଳ ଦ୍ୱାଦଶୀ ତିଥିରେ ଆଜି ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉମାନଙ୍କର ଗରୁଡ ଶୟନ ଓ ଅଧରପଣା ନୀତି ଅନୁଷ୍ଠିତ ହେଉଛି । ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଅଧରପଣା ନୀତି ଆରମ୍ଭ ହୋଇଛି । ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚ ତୁମ୍ବ ଆକୃତିର ମାଟିର ତିନୋଟି ହାଣ୍ଡି ରଖାଯାଉଛି । ସିଂହଦ୍ୱାର ନିକଟ ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ପାଣିଆ-ଆପଟ ସେବକ ତମ୍ବା ପାତ୍ରରେ ଜଳ ରଖୁଛନ୍ତି ।

ମହାସୁଆର ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି । ପତ୍ରୀବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥ ଉପରେ ପୂଜା କରିବାର ବିଧି ରହିଛି । ପରେ ପାଳିଆ ପୂଜାପଣ୍ଡା ପଂଚ ଉପଚାରରେ ପୂଜା କରିବା ସହ ପଣା ହାଣ୍ଡି ଭଙ୍ଗାଯାଏ । ରଥ ଉପରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଭୋଗ ହୋଇଥିବା ଅଧରପଣା ରଥର ପାର୍ଶ୍ୱ ଦେବାଦେବୀ ଓ ଚଣ୍ଡିଚାମୁଣ୍ଡାମାନଙ୍କ ପାଇଁ ସମର୍ପଣ କରାଯାଇଥାଏ ।

ନବଦିନାତ୍ମକ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଆସନ୍ତାକାଲି ଶ୍ରୀଜୀଉମାନଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ । ତ୍ରୟୋଦଶୀ ତିଥିରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥ ଆସନ୍ତାକାଲି ନୀଳକନ୍ଦରକୁ ବିଜେ କରିବେ ।

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିବାପରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭେଟ ମଣ୍ଡପକୁ ବିଜେ କରାଯିବ । ଲକ୍ଷ୍ମୀଙ୍କୁ ଛାଡି ଭାଇଭଉଣୀଙ୍କ ସହ ମହାପ୍ରଭୁ ରଥଯାତ୍ରାରେ ଯାଇଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସୋଗୋଲା ଖୁଆଇ ମାନଭଞ୍ଜନ କରିବାର ପରମ୍ପରା ରହିଛି ।

## ରଘୁନାଥ ବେଶ

ତୁଳସୀକ୍ଷେତ୍ର **କେନ୍ଦ୍ରାପଡା**ର ଆରାଧ୍ୟଦେବତା ଶ୍ରୀବଳଦେବଜୀଉଙ୍କର ପବିତ୍ର ରଘୁନାଥ ବେଶ ବ୍ରହ୍ମତାଳଧ୍ୱଜ ରଥ ଉପରେ ଅନୁଷ୍ଠିତ ହୋଇଯାଇଛି । ସୁନା ଅଳଙ୍କାର ସମେତ ମହଣ ମହଣ ରୂପା ଅଳଙ୍କାରରେ ସଜ୍ଜିତ ହୋଇ ଶ୍ରୀବଳଦେବଜୀଉ, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

**ବୌଦ୍ଧ**ଠାରେ ତିନିଠାକୁରଙ୍କ ଦୈନିକ ନୀତିକାନ୍ତି ପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଛି । ବିଳମ୍ବିତ ରାତିରେ ଠାକୁରଙ୍କୁ ପହଣ୍ଡି କରି ମନ୍ଦିରରେ ପ୍ରବେଶ କରାଇବା ସହ ରତ୍ନ ସିଂହାସନରେ ବିରାଜମାନ କରାଯିବ ।

**ନୟାଗଡ଼** ଜିଲ୍ଲା ରଣପୁର, ନୟାଗଡ଼, ଖଣ୍ଡପଡା, ଦଶପଲ୍ଲା, ଭାପୁର, ଗଣିଆ, ଶରଣକୁଳ, ରାଜସୁନାଖଳାଠାରେ ରଥାରୂଢ ଶ୍ରୀଜୀଉଙ୍କ ନିକଟରେ ଅଧରପଣା ନୀତି ସମ୍ପନ୍ନ ହୋଇଛି ।

# ମନ୍ କି ବାତ୍

ଦେଶରେ ଗତ ଦଶନ୍ଧିରେ ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ, ରପ୍ତାନୀ ତଥା ବିଭିନ୍ନ ରାଷ୍ଟ୍ର ସହିତ ରାଜନୈତିକ ସହଯୋଗ ନୂତନ ଶିଖର ଛୁଇଁ ପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୩୬ତମ ସଂସ୍କରଣରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ନିରନ୍ତର ଭାବେ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ସୁଦୃଢ କରିବାରେ ଲାଗିଛି। କିଛି ଦିନ ପୂର୍ବରୁ ଭାରତୀୟ ନୌସେନାରେ ସ୍ୱଦେଶ ନିର୍ମିତ ଆଇଏନ୍‌ଏସ୍ ମହେନ୍ଦ୍ରଗିରିକୁ ସାମିଲ କରାଯାଇଛି। ଯାହା ଆତ୍ମନିର୍ଭର ଭାରତର ପରିଚୟ ବୋଲି ଶ୍ରୀ ମୋଦୀ କହିଛନ୍ତି। ସେହିଭଳି ଡିଆର୍‌ଡିଓ ପକ୍ଷରୁ ଉଷା ଓ ଦୂରଗାମୀ କ୍ଷେପଣାସ୍ତ୍ର ପିନାକର ସଫଳ ପରୀକ୍ଷଣ ଦେଶର ବୈଜ୍ଞାନିକ ଓ ଇଂଜିନିୟରଙ୍କ ସାମୂହିକ କାର୍ଯ୍ୟର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ଦେଶରେ ବର୍ଷାର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବା ପାଇଁ 'କ୍ୟାଚ୍ ଦି ରେନ୍' ଅଭିଯାନ ଜାରି ରହିଛି। ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରି ଜଳଉସ୍ତ ଗୁଡ଼ିକର ପୁନରୁଦ୍ଧାର, ବର୍ଷାଜଳ ଅମଳ, ଭୂତଳ ଜଳଭଣ୍ଡାର ବୃଦ୍ଧି ଏବଂ ଚାରାରୋପଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମାତୃଭୂମିର ସୁରକ୍ଷା ପାଇଁ କାର୍ଗିଲ ବୀର ସହିଦଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାରଗିଲର ଉଚ୍ଚଶିଖର, ଅତ୍ୟନ୍ତ ପ୍ରତିକୂଳ ପାଗ ଏବଂ

ଶତ୍ରୁପକ୍ଷ ଆହ୍ୱାନକୁ ଭାରତୀୟ ସୈନିକ ଯେଉଁଭଳି ସାମ୍ନା କରିଥିଲେ ତାହା ପ୍ରମାଣିତ କରିଛି ଯେ, ସେମାନଙ୍କର ଆତ୍ମା ଏକ ଆହ୍ୱାନଠାରୁ ଊର୍ଦ୍ଧ୍ୱରେ ରହିଥିଲା । ଚଳିତବର୍ଷ ସେହି ବୀରଙ୍କୁ ସ୍ମରଣକରି ସ୍ୱତନ୍ତ୍ର ସୌର୍ଯ୍ୟ ବିଜୟ ଯାତ୍ରା ଆୟୋଜିତ ହୋଇଛି ବୋଲି ଶ୍ରୀ ମୋଦୀ କହିଥିଲେ ।

କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ଖେଳାଳିଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ କହିଛନ୍ତି ଜାପାନ ଓପନ ବ୍ୟାଡମିଣ୍ଟନ ଟାଇଟଲ ହାସଲ କରିବାରେ ପି.ଭି. ସିନ୍ଧୁ ହେଉଛନ୍ତି ପ୍ରଥମ ଭାରତୀୟ । ସେହିଭଳି ଭାରତୀୟ ମହିଳା କ୍ରିକେଟ ଦଳରେ ଲର୍ଡ଼୍ସ ଷ୍ଟାଡିୟମଠାରେ ପ୍ରଥମ ଟେଷ୍ଟ ବିଜୟ ଉପରେ ମଧ୍ୟ ଶ୍ରୀ ମୋଦୀ ଆଲୋକପାତ କରିଥିଲେ ।

ମହାକାଶ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ସଫଳତାକୁ ଉଚ୍ଚ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିକ୍ରମ-୧ର ସଫଳ ପରୀକ୍ଷଣ ଦେଶର ଯୁବ ଉଦ୍‌ଭାବକଙ୍କ ପ୍ରେରଣା ଏବଂ ଚେଷ୍ଟାର ନିଦର୍ଶନ । ବିଜ୍ଞାନ ଅଲମ୍ପିଆଡ୍‌ରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ଶ୍ରୀ ମୋଦୀ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ । ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ଦକ୍ଷତା ଏବଂ ସୃଜନଶୀଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଲୋକାଲ ଫର ଭୋକାଲ ଭାବନାକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

ଗତ ୧୨ବର୍ଷ ମଧ୍ୟରେ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ୬ ଗୁଣ ବୃଦ୍ଧି ପାଇ ପ୍ରାୟ ୮ହଜାର କୋଟି ଟଙ୍କାରେ ପହଞ୍ଚିଛି । ଆଗାମୀ ପର୍ବପର୍ବାଣିରେ ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପରୁ ପ୍ରସ୍ତୁତ ଉତ୍ପାଦ କ୍ରୟ କରିବାକୁ ଶ୍ରୀ ମୋଦୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତାକାଲି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପୁଣ୍ୟତିଥି । ସମାଜର ବିଭିନ୍ନ ବର୍ଗଙ୍କୁ ସ୍ୱପ୍ନ ଦେଖିବା ଏବଂ ଏହାକୁ ସାକାର କରିବା ପାଇଁ ଡକ୍ଟର କଲାମଙ୍କ ଜୀବନାଦର୍ଶ ପ୍ରେରଣା ପ୍ରଦାନ କରିଆସୁଛି। 'ହରଘର ତ୍ରିରଙ୍ଗା' ଅଭିଯାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଏହା ଦେଶକୁ ଏକତ୍ରିତ କରିଛି। ଅଗଷ୍ଟ ୧୫ ପୂର୍ବରୁ ମାଇଁ ଗଭ୍ ପୋର୍ଟାଲରେ ନିଜସ୍ୱ ଚିନ୍ତାଧାରା ଏବଂ ପରାମର୍ଶକୁ ପଠାଇବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

## ପିଏମ୍-ବିକଶିତ ଭାରତ

ଭାରତୀୟ ସଂସ୍କୃତିରେ ସାମୁହିକ ଅଂଶଗ୍ରହଣକୁ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଭାସୀ ଜରିଆରେ ଆଜି ବିକଶିତ ଭାଇବ୍ରାଣ୍ଟ୍ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ଆଲୋଚନା କରି ଶ୍ରୀ ମୋଦୀ କହିଛନ୍ତି, ବିକାଶର ପ୍ରକ୍ରିୟାରୁ ପୂର୍ବରୁ ବାଦ୍ ପଡିଥିବା ବ୍ୟକ୍ତିଙ୍କୁ ବିକାଶର ଧାରାରେ ସାମିଲ କରିବା ସରକାରଙ୍କ ପ୍ରାଥମିକତା। ବ୍ୟକ୍ତିଗତ ଅଭିଜ୍ଞତାକୁ ଆଧାର କରି ଅନେକ ସମ୍ପ୍ରଦାୟ ଏକତ୍ର ଭାବେ କାର୍ଯ୍ୟକରି ସାମୂହିକ ପ୍ରୟାସକୁ ମଜଭୁତ କରିଛନ୍ତି।  ଏହି କାର୍ଯ୍ୟକ୍ରମ

ଭାରତର ଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ସାହସର ପ୍ରତିଫଳନ। ସରକାର ଦେଶର ଯୁବପିଢି ବିଶେଷକରି ବାଳିକାଙ୍କ ଆତ୍ମବିଶ୍ୱାସ, ସାହସ ଓ ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି....

**- V/O -**

'ବିକଶିତ ଭାଇବ୍ରାଣ୍ଟ୍ ଭିଲେଜ୍ କାର୍ଯ୍ୟକ୍ରମ' ଗତମାସ ୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଲଦାଖ, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ୭୪ଟି ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଥିଲା । ଦେଶବ୍ୟାପୀ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଜରିଆରେ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ୩ ଲକ୍ଷରୁ ଅଧିକ ଯୁବ ପ୍ରତିଯୋଗୀ ଏହି ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# କାର୍ଗିଲ ବିଜୟ ଦିବସ

ସମଗ୍ର ଦେଶରେ ଆଜି ୨୭ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ୧୯୯୯ ମସିହାରେ ୮୪ଦିନର ଯୁଦ୍ଧରେ ସାରା ବିଶ୍ୱ ଦେଖିଥିଲା ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ। ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ମନେ ପକାଇବା ସହିତ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ହେଉଛି ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ । ବୀର ଯବାନଙ୍କ ବଳିଦାନ ଯୋଗୁଁ କାର୍ଗିଲର ଟାଇଗର ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ଭାରତୀୟ ସେନା ବିଜୟ ହାସଲ କରିଥିଲେ। କାର୍ଗିଲ ବିଜୟ ଦିବସ ଅବସରରେ କୃତଜ୍ଞରାଷ୍ଟ୍ର ବୀର ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ଭାରୋତ୍ତନକାରୀ ଋଷିକାନ୍ତ ସିଂ ପୁରୁଷ ୬୦ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତି ଦେଶ ପାଇଁ ସୁନାମ ଆଣିଛନ୍ତି। ମାଲେସିଆର ମହମ୍ମଦ ଆନିକ୍ ବିନ୍ କାସ୍‌ଦାନ ୨୭୩ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ପୂର୍ବରୁ ଭାରତର ଲଭ୍‌ଲିନା ବୋର୍ଗୋହାଇଁ ୭୫କିଲୋଗ୍ରାମ ମୁଷ୍ଟି ଯୁଦ୍ଧର ମିଡିଲି ୱେଟ ବର୍ଗରେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବା ସହ ଭାରତ ପାଇଁ ଗୋଟିଏ ପଦକ ନିଶ୍ଚିତ କରିଛନ୍ତି । ଏହି ପ୍ରତିଯୋଗିତାରେ ୭୪ଟି ଦେଶର ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେଥିମଧ୍ୟରୁ ଭାରତରୁ ୧୨୫ ଜଣ ପ୍ରତିଯୋଗୀ ରହିଛନ୍ତି । ଚଳିତଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୦ଟି ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଏହି କ୍ରୀଡ଼ା ମହାସମର ଜାରି ରହିବ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ବାଲେଶ୍ୱରଠାରେ ୧୮୦ ଏବଂ ଚାନ୍ଦବାଲିଠାରୁ ୧୭୦ କିଲୋମିଟର ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର

ପ୍ରଭାବରେ ରାଜ୍ୟରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ବର୍ଷାକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ ସ୍କୁଲ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜିଲ୍ଲାପାଳଙ୍କ ନିଷ୍ପତ୍ତି କ୍ରମେ ଛୁଟି ଘୋଷଣା କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର ଜିଲ୍ଲାର ବିରିଡିରେ ସର୍ବାଧିକ ୩୨୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିଭଳି ପୁରୀ ଜିଲ୍ଲାରେ ହାରାହାରି ବୃଷ୍ଟିପାତ ୭୪ ଦଶମିକ ୦/୨ ମିଲିମିଟର ରହିଥିବାବେଳେ କାକଟପୁର ବ୍ଲକ୍‌ରେ ସର୍ବାଧିକ ୯୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ହୀରାକୁଦ ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ବନ୍ୟାଜଳ  ନିଷ୍କାସନ ଜାରି ରହିଛି।